
ଦିଲ୍ଲୀ ମେୟର ଶେଲି ଓବରୟ ଓ ଡେପୁଟି ମେୟର ଆଲେୟ ମହମ୍ମଦ ଇକ୍‌ବାଲ ଜିତିବା ପରେ ବିଜୟ ସଙ୍କେତ ଦେଖାଉଛନ୍ତି।

# ଅରାଜକତା ସୃଷ୍ଟି ପାଇଁ ଭାଜପା ଉଦ୍ୟମ କରୁଛି: ବିଜେଡି

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

ଜେଲ ଫେରନ୍ତା ହତ୍ୟା ଅଭିଯୁକ୍ତ ଈରାଶିଷ ଆଚାର୍ଯ୍ୟଙ୍କୁ ଭାରତୀୟ ଜନତା ପାର୍ଟିର ନେତାମାନେ ଶୋଭାଯାତ୍ରାରେ ବୁଲାଇ ସ୍ୱାଗତ ସମ୍ବର୍ଦ୍ଧନା ଦେଉଛନ୍ତି । ସଙ୍ଗିନ ଅପରାଧରେ ଜଡ଼ିତ ବାହୁବଳି ନେତାଙ୍କୁ ଏଭଳି ପ୍ରୋତ୍ସାହନ କେବଳ ୟୁପି, ବିହାରରେ ଦେଖିବାକୁ ମିଳେ । ଓଡ଼ିଶାରେ ଏଭଳି କରି ଶାନ୍ତିପ୍ରିୟ ରାଜ୍ୟବାସୀଙ୍କୁ ଭାଜପା କି ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ବିଜେଡି ପ୍ରଶ୍ନ କରିଛି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି, ଈରାଶିଷଙ୍କ ନାଁରେ ଏକାଧିକ ସଙ୍ଗିନ ଆପରାଧିକ ମାମଲା ରହିଛି। ଭାଜପା ନେତାଙ୍କ ଛତ୍ରଛାୟା ତଳେ ରହି ବିଭିନ୍ନ ଅପରାଧ ଘଟାଇ ଆତଙ୍କ ସୃଷ୍ଟି କରୁଥିବା ଈରାଶିଷଙ୍କୁ ଏହି କାରଣରୁ ଓଡ଼ିଶା ଭାଜପା ରାଜ୍ୟ ଯୁବମୋର୍ଚ୍ଚାର ସଭାପତି କରିଛି । ଏକଥା ଦଳ ଭିତରେ ଓ ବାହାରେ ସମସ୍ତେ ଜାଣନ୍ତି । ଜୁନ୍ ୨୦୧୮ରେ ଭଟଲିରେ ତାଙ୍କ ଘର ସାମ୍ନାରେ ଥିବା ଭାଜପା ଅଫିସରେ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା ମାମଲାର ଅଭିଯୁକ୍ତ ଈରାଶିଷ ଗିରଫ ହୋଇ ଜେଲ ଯାଇଥିଲେ ଏବଂ ଦୀର୍ଘ ଦିନ ଜେଲରେ ରହିବା ପରେ ଜାମିନରେ ମୁକୁଳିଥିଲେ । ଗତ ଫେବୃୟାରୀ ୨୮ତାରିଖରେ ଈରାଶିଷ ଓ ତାଙ୍କର ଗୁଣ୍ଡା ବାହିନୀ ବିକ୍ଷୋଭ ନାଁରେ ଭୁବନେଶ୍ୱରରେ କିପରି ହିଂସା ଓ ଆତଙ୍କ ସୃଷ୍ଟି କରିଥିଲେ, ତାହା ଓଡ଼ିଶାବାସୀ ଦେଖିଛନ୍ତି । ସେଦିନ ସେମାନଙ୍କ ଆକ୍ରମଣରେ ୨୧ପୋଲିସ ଆହତ ହୋଇଥିଲେ । ଏହି ମାମଲାରେ ଗିରଫ ହୋଇ ଈରାଶିଷ ପ୍ରାୟ ଦେଢ ମାସ କାଳ ଜେଲରେ ରହିବା ପରେ ନିକଟରେ ଜାମିନରେ ବାହାରିଛନ୍ତି। ଦୁର୍ଭାଗ୍ୟର ବିଷୟ ହେଲା, ଏଭଳି ଏକାଧିକ ଜଘନ୍ୟ ମାମଲାରେ ଲିପ୍ତ ଜଣେ ଆତଙ୍କ ସୃଷ୍ଟିକାରୀ ଅଭ୍ୟାସଗତ ଅପରାଧୀଙ୍କୁ ଦଳରୁ ବହିଷ୍କାର କରିବା ପରିବର୍ତ୍ତେ ରାଜ୍ୟ ଭାଜପାର କିଛି ନେତା ତାଙ୍କୁ ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରାରେ ବୁଲାଇ ସମ୍ବର୍ଦ୍ଧନା ଦେଉଛନ୍ତି । ଏହାଦ୍ୱାରା ରାଜ୍ୟ ଭାଜପା ଓଡ଼ିଶାବାସୀଙ୍କୁ କ'ଣ ବାର୍ତ୍ତା ଦେବାକୁ ଚାହୁଁଛି । ପୂର୍ବରୁ ଅପରାଧ ପୃଷ୍ଠଭୂମି ଥିବା ଜୟନାରାୟଣ ମିଶ୍ରଙ୍କ ଭଳି ଓଡ଼ିଶା ଭାଜପାର ବରିଷ୍ଠ ନେତାମାନେ ବାରମ୍ବାର ଆଇନକୁ ହାତକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବାବେଳେ ତାଙ୍କ ଦେଖାଦେଖି ଈରାଶିଷ ଆଚାର୍ଯ୍ୟଙ୍କ ଭଳି କନିଷ୍ଠ ନେତାମାନେ ମଧ୍ୟ ହତ୍ୟା, ମରଣାନ୍ତକ ଆକ୍ରମଣ ଭଳି ସଙ୍ଗିନ ଅପରାଧ ଘଟାଇ ଓଡ଼ିଶାକୁ ନିନ୍ଦିତ କରୁଛନ୍ତି । ଏଭଳି ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଓଲଟା ଓଡ଼ିଶା ଭାଜପା ରାଜ୍ୟବାସୀଙ୍କୁ ଅରାଜକ କହି ଅପମାନିତ କରୁଛି । ତେଣୁ ଆମକୁ ଲାଗୁଛି ଈରାଶିଷଙ୍କ ଭଳି ଜେଲ ଫେରନ୍ତା ଅଭ୍ୟାସଗତ ଅପରାଧୀଙ୍କୁ ପ୍ରୋତ୍ସାହନ ଦେଇ ଭାଜପା ଓଡ଼ିଶାରେ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ତେବେ ବାରମ୍ବାର ଅପରାଧ ଘଟାଉଥିବା ଏବଂ ଓଡ଼ିଶାରେ ହିଂସାକୁ ଉସୁକାଉଥିବା ରାଜ୍ୟ ଭାଜପା ନେତାମାନଙ୍କ ଏଭଳି କାର୍ଯ୍ୟକଳାପକୁ ସଚେତନ ଓଡ଼ିଶାବାସୀ ଆଗାମୀ ଦିନରେ କ୍ଷମାଦେବେ ନାହିଁ ବୋଲି ସେ କହିଛନ୍ତି ।

## ■ ସାମ୍ପ୍ରତିକ ପ୍ରସଙ୍ଗକୁ ଏଡ଼େଇବା ପାଇଁ ବିଜେଡିର ଅଯଥା ବୟାନବାଜି : ଭାଜପା

ଅନ୍ୟପକ୍ଷରେ ଭାଜପା ମଧ୍ୟ ବିଜେଡିକୁ କଡ଼ା ଜବାବ ଦେଇଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠିଲାବେଳେ ଅଯଥାରେ ଭାଜପା ଯୁବମୋର୍ଚ୍ଚା ସଭାପତି ଈରାଶିଷ ଆଚାର୍ଯ୍ୟଙ୍କ ସମ୍ବର୍ଦ୍ଧନାକୁ ନେଇ ବିଜେଡି ପ୍ରତିକ୍ରିୟା ପ୍ରକାଶ କରୁଛି । ବିଜେଡି ଜାଣିରଖିବା ଦରକାର ଓଡ଼ିଶାର ଯୁବକମାନେ ତାଙ୍କ ଦଳର କିମ୍ବା ତାଙ୍କ ସରକାରର କ୍ରୀତଦାସ ନୁହନ୍ତି। ଈରାଶିଷ ବିଦେଶରେ ଆଇନ ପାଠ ପଢ଼ିଥିବା ଜଣେ ଉଚ୍ଚଶିକ୍ଷିତ ଯୁବକ। ସୁପ୍ରିମକୋର୍ଟରେ ଓକିଲାତି କରିବା ସହ ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ନାଁରେ ବିଜେଡି ଯେଉଁ ଅଭିଯୋଗ ଉଠାଉଛି ସେହି ଘଟଣାର ଏଫ୍‌ଆଇଆରରେ ଈରାଶିଷଙ୍କ ନାଁ ନ ଥିଲା, ପରେ ତାଙ୍କ ନାଁକୁ ରାଜନୈତିକ ଉଦ୍ଦେଶ୍ୟରେ ଯୋଡା ଯାଇ ଗିରଫ କରାଯାଇଥିଲା। ଦିନ ଦ୍ୱିପ୍ରହରରେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଭାଜପା ଯୁବମୋର୍ଚ୍ଚା ରାସ୍ତାକୁ ଓହ୍ଲାଇଥିଲା। ଆଗାମୀ ଦିନରେ ରାଜ୍ୟର ସ୍ୱାର୍ଥ ଓ ଯୁବକଙ୍କ ସ୍ୱାର୍ଥକୁ ନେଇ ଭାଜପା ଯୁବମୋର୍ଚ୍ଚା ଲଢ଼େଇ ଜାରି ରଖିବ। ବିଜେଡି ସରକାରଙ୍କ ଜେଲ୍ ଧମକ କିଛି କାମ ଦେବ ନାହିଁ । ମିଛ ବୟାନବାଜି ନ କରି ରାଜ୍ୟବାସୀଙ୍କ ସୁରକ୍ଷା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ସଜାଡିବାର ଦାୟିତ୍ୱ କାନ୍ଧକୁ ନିଅନ୍ତୁ, ରାଜ୍ୟ ସରକାର ଏବଂ ରାଜ୍ୟବାସୀଙ୍କୁ ଶାନ୍ତିରେ ରହିବାକୁ ଦିଅନ୍ତୁ ବୋଲି ଭାଜପା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି। ସେ କହିଛନ୍ତି, ଯେଉଁ ଦଳର ମନ୍ତ୍ରୀଙ୍କ ନାଁରେ ନିଜ ଦଳର ମହିଳା ବଳାତ୍କାର ଅଭିଯୋଗ ଆଣୁଛନ୍ତି, ଯେଉଁ ଦଳର ବିଧାୟକଙ୍କ ନାଁରେ ସେକ୍ସ ସ୍କାଣ୍ଡାଲ ମାମଲା ଥାନାରେ ଗଡୁଛି ସେହି ଦଳ ଅନ୍ୟକୁ ଅଙ୍ଗୁଳି ଦେଖାଇବା ହାସ୍ୟାସ୍ପଦ।


ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡ଼ି ନେତୃବୃନ୍ଦ ।

# ଏଏପିର ଶେଲି ଓବରୟ ନିର୍ଦ୍ୱନ୍ଦ୍ୱରେ ଦିଲ୍ଲୀ ମେୟର ନିର୍ବାଚିତ

**ନୂଆଦିଲ୍ଲୀ,୨୬।୪**

ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଶେଲି ଓବରୟ ବୁଧବାର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ମେୟର ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଶିଖା ରାୟ ନିର୍ବାଚନ ପୂର୍ବରୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ଓବରୟ ପୁନର୍ବାର ଦିଲ୍ଲୀ ମେୟର ହୋଇଛନ୍ତି। ଷ୍ଟାଣ୍ଡିଂ କମିଟି ନିର୍ବାଚନ ନ ହେବାରୁ ମେୟର ନିର୍ବାଚନରୁ ଓହରିଗଲେ ବୋଲି ଶିଖା ଗୃହକୁ କହିଛନ୍ତି। ସେହିପରି ବିଦାୟୀ ଡେପୁଟି ମେୟର ଆଲେ ମହମ୍ମଦ ଇକ୍‌ବାଲଙ୍କୁ ମଧ୍ୟ ଉକ୍ତ ପଦବୀରେ ଆଉ ଏକ ପାଳି ରହିବାର ସୁଯୋଗ ମିଳିଛି। ଡେପୁଟି ମେୟର ପଦବୀ ଲାଗି ଭାଜପା ପ୍ରାର୍ଥୀ ସୋନି ପାଲ୍ ମଧ୍ୟ ଶେଷ ମୁହୂର୍ତ୍ତରେ ଓହରିଯାଇଥିଲେ।

ଓବରୟ ଗତ ଫେବୃୟାରୀ ୨୨ରେ ପ୍ରଥମ ଥର ପାଇଁ ଦିଲ୍ଲୀ ମେୟର ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ଏମ୍‌ସିଡି ହାଉସ୍‌ରେ ଏଏପି ଏବଂ ଭାଜପା କାଉନସିଲରଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁ ୪ ଥର ମେୟର ନିର୍ବାଚନ ଭଣ୍ଡୁର ହୋଇଥିଲା। ସେତେବେଳେ ଓବରୟ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରେଖା ଗୁପ୍ତାଙ୍କୁ ୩୪ ଭୋଟରେ ପରାସ୍ତ କରିଥିଲେ। ଗୁପ୍ତାଙ୍କୁ ୧୧୬ ଭୋଟ ମିଳିଥିବାବେଳେ ଓବରୟ ୧୫୦ ଖଣ୍ଡ ଭୋଟ ପାଇଥିଲେ। ନୂଆ ନିୟମ ଅନୁଯାୟୀ ଦିଲ୍ଲୀ ମେୟର ପଦବୀ ପ୍ରତି ଆର୍ଥିକ ବର୍ଷ ଶେଷରେ ପାଳି ଅନୁସାରେ ପରିବର୍ତ୍ତନ ହୋଇଥାଏ। ପ୍ରଥମ ବର୍ଷ ଏହା ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଦ୍ୱିତୀୟ ବର୍ଷ ସବୁ ବର୍ଗଙ୍କ ପାଇଁ, ତୃତୀୟ ବର୍ଷ ସଂରକ୍ଷିତ ବର୍ଗ ଏବଂ ଅବଶିଷ୍ଟ ଦୁଇବର୍ଷ ସବୁ ବର୍ଗଙ୍କ ପାଇଁ ରହିଛି। ୩୯ ବର୍ଷୀୟ କାଉନସିଲର ଶେଲି ଓବରୟ ଦିଲ୍ଲୀ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିବା ସହ ଇଣ୍ଡିଆନ କମର୍ସ ଆସୋସିଏଶନର ଆଜୀବନ ସଦସ୍ୟ ଅଛନ୍ତି।

# ରାହୁଲଙ୍କ ବୁଦ୍ଧି ୫ ବର୍ଷ ପିଲା ଭଳି: ଶିବରାଜ



**ବେଙ୍ଗାଲୁରୁ,୨୬।୪**

କର୍ଣାଟକ ବିଧାନସଭା ନିର୍ବାଚନ ପାଇଁ କମ ସମୟ ବାକି ଥିବାରୁ ସମସ୍ତ ରାଜନୈତିକ ଦଳ ପ୍ରଚାର ଅଭିଯାନରେ ନିଜର ସମ୍ପୂର୍ଣ୍ଣ ଶକ୍ତି ଲଗାଇଦେଉଛନ୍ତି। ବୁଧବାର ଭାଜପାର ପ୍ରମୁଖ ନେତା ନିର୍ବାଚନୀ ପ୍ରଚାରକୁ ଡେଇଁଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କର୍ଣାଟକ ଗସ୍ତରେ ଆସିଛନ୍ତି। ଏକ ରାଲିରେ ଶିବରାଜ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିବା ସହିତ ତାଙ୍କ ପ୍ରତି କଟାକ୍ଷ କରିଛନ୍ତି। ସେ କହିଛନ୍ତି, ରାହୁଲଙ୍କ ବୟସ ୫୦ ବର୍ଷ, ହେଲେ ବୁଦ୍ଧି ୫ ବର୍ଷ ପିଲା ଭଳି। ମାନସିକ ଦୃଷ୍ଟିରୁ ସେ ଅପରିପକ୍ୱ। ଯେତେବେଳେ କୋର୍ଟ ତାଙ୍କୁ ଦଣ୍ଡିତ କରିଥିଲେ ସେଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରିଥିଲେ। କେତେବେଳେ କ'ଣ କହିବେ ସେ ଜାଣନ୍ତି ନାହିଁ । ସେଥିରେ ସେ ପୁଣି ପ୍ରତିଶ୍ରୁତି ରକ୍ଷା କରିବାକୁ ସକ୍ଷମ ହେବେ କିପରି ? ଆଉ ଲୋକେ ତାଙ୍କୁ କିଭଳି ବିଶ୍ୱାସ କରିବେ ବୋଲି ଶିବରାଜ କହିଛନ୍ତି।

# ଶେଟ୍ଟାର କେବେ ବି ଜିତିପାରିବେନି: ୟେଦୁରପ୍ପା

**ବେଙ୍ଗାଲୁରୁ,୨୬।୪**

କର୍ଣାଟକ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ତୀବ୍ର ହେବାରେ ଲାଗିଛି। ଏହିକ୍ରମରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭେଟେରାନ ଭାଜପା ନେତା ବିଏସ୍ ୟେଦୁରପ୍ପା କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ଭାଜପା ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ହୁବଲିର ଏକ ନିର୍ବାଚନୀ ସଭାରେ ସେ କହିଛନ୍ତି, ମୁଁ ନିଜ ରକ୍ତରେ ଲେଖି ଦେବି ଜଗଦୀଶ ଶେଟ୍ଟାର ଏଠାରୁ କେବେ ବି ଜିତିବେ ନାହିଁ। ଶେଟ୍ଟାରଙ୍କୁ ଜଣେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ବିରୋଧୀଦଳର ନେତା ଆଉ ମୁଖ୍ୟମନ୍ତ୍ରୀ ଭାବେ ଭାଜପା ପ୍ରାଧାନ୍ୟ ଦେଇଛି। କିନ୍ତୁ ସେ ଦଳ ପ୍ରତି ପ୍ରତାରଣା କରିଛନ୍ତି। ୟେଦୁରପ୍ପା ନିଜେ ହୁବଲିରେ ରାଲି ଏବଂ ରୋଡ ଶୋ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ହୁବଲିକୁ ପ୍ରଚାର ପାଇଁ ଆସିବେ। ଶେଟ୍ଟାରଙ୍କୁ ପରାସ୍ତ କରିବାକୁ ଦଳ ମିଳିତ ଭାବେ କାର୍ଯ୍ୟ କରିବ। କର୍ଣାଟକର ହୁବଲି ଧରୱାଡ କେନ୍ଦ୍ରୀୟ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜଗଦୀଶ ଶେଟ୍ଟାର କଂଗ୍ରେସ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ କଂଗ୍ରେସ ତାଙ୍କୁ ପ୍ରୋଜେକ୍ଟ କରି ରାଜ୍ୟର ଲିଙ୍ଗାୟତ ଭୋଟରଙ୍କୁ ହାତେଇବାକୁ ଚେଷ୍ଟା କରୁଥିବାବେଳେ ଭାଜପା ନିଜ ଗଡ଼ରେ ଶେଟ୍ଟାରଙ୍କୁ ପରାସ୍ତ କରିବାକୁ ଯୋଜନା କରୁଛି।

# 'ଧୂଳି ମୁହଁରେ ଥିଲା, କିନ୍ତୁ ଦର୍ପଣ ସଫା କରିବାର ନାଟକ କରୁଥିଲେ'

**ନୂଆଦିଲ୍ଲୀ,୨୬।୪**

ଦୁର୍ନୀତି ପ୍ରସଙ୍ଗରେ ଏଏପିକୁ କଡ଼ା ସମାଲୋଚନା କରୁଥିବା ଭାଜପା ବର୍ତ୍ତମାନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବଙ୍ଗଳାକୁ ନେଇ ଟାର୍ଗେଟ କରିଛି। ସରକାରୀ ପାଣ୍ଠିରୁ ୪୫ କୋଟି ଟଙ୍କା ଖର୍ଚ୍ଚ କରି କେଜରିୱାଲ ତାଙ୍କ ବଙ୍ଗଳା ନବୀକରଣ କରିଥିବା ଅଭିଯୋଗ କରିଛି ଭାଜପା। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ବୁଧବାର ରେଳ ମନ୍ତ୍ରୀ ଏକ ଟୁଇଟରେ କହିଛନ୍ତି, ତାଙ୍କ ମୁହଁରେ ଧୂଳି ଲାଗିଥିଲା ଏବଂ ସେ ଦର୍ପଣକୁ ସଫା କରିବାର ନାଟକ କରୁଥିଲେ। କେନ୍ଦ୍ର ମନ୍ତ୍ରୀ ତାଙ୍କ ଟୁଇଟରେ କାହାର ନାମ ଉଲ୍ଲେଖ କରିନାହାଁନ୍ତି। ତେବେ ସେ ନିଜ ଟୁଇଟରେ ହ୍ୟାସଟ୍ୟାଗ ଅପରେଶନ ଶୀଶ ମହଲ ବ୍ୟବହାର କରିଛନ୍ତି। ଏହାକୁ କେଜରିୱାଲଙ୍କ ପ୍ରକୃତ ଚେହେରା ବୋଲି ଦର୍ଶାଇ ଭାଜପା ତାଙ୍କ ଇସ୍ତଫା ଦାବି କରିଛି। ଦେଶ କୋଭିଡ ମହାମାରୀ ସହ ଲଢୁଥିବାବେଳେ କେଜରିୱାଲ ତାଙ୍କ ବଙ୍ଗଳାକୁ ଏକ ପ୍ରାସାଦରେ ପରିଣତ କରିବା କାର୍ଯ୍ୟ କରୁଥିଲେ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ବୁଧବାର ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, କେଜରିୱାଲଙ୍କ ପକ୍ଷରୁ ପାଞ୍ଚଥର ଟଙ୍କା ମଧ୍ୟ ରିଲିଜ କରାଯାଇଛି। ୧ ସେପ୍ଟେମ୍ବର ୨୦୨୦ ରେ ୭.୯୧ କୋଟି ଟଙ୍କା, ୨୦୨୧ମସିହାରେ ୧୫କୋଟିରୁ ଅଧିକ ଟଙ୍କା ସମେତ ମୋଟ ତିନିଥର ରିଲିଜ କରାଯାଇଥିଲା। ଏହା ପରେ ୨୯ ଜୁନ ୨୦୨୨ ରେ ପୁଣି ଥରେ୯ କୋଟି ଏବଂ ପରେ ୯.୩୪ କୋଟି ଟଙ୍କା ରିଲିଜ ହୋଇଥିଲା। କେଜରିୱାଲ ତାଙ୍କ ଘରେ ଏକ ସୁନ୍ଦର କାଠ କାନ୍ଥ ଲଗାଇଛନ୍ତି । ଏହାର ମୂଲ୍ୟ ପ୍ରାୟ ୪.୩୭ କୋଟି ଟଙ୍କା। ଏଥି ସହିତ ଭିଏତନାମରୁ ଅଣାଯାଇଥିବା ୧.୫ କୋଟି ଟଙ୍କାର ମାର୍ବଲ ଘରେ ଲଗାଯାଇଛି।

### କେଜରିୱାଲଙ୍କୁ ରେଳମନ୍ତ୍ରୀଙ୍କ କଟାକ୍ଷ


## NOTIFICATION

This is for the information of all concerned that **M/s. Shree Ram Constructions** has accorded Environmental Clearance from State Environment Impact Assessment Authority (SEIAA), Odisha for construction of Proposed Commercial Building & MIG Residential Apartment (B+S+12) Building with built up area 33,841.83 Sqm. at Mouza: Padmalava Nagar, Tehsil: Barang, Dist.: Cuttack, Odisha.

A copy of the said environment clearance File No. 256863/77-MIS/03-2022 is available with the website of the SEIAA at **http://www.orissaseiaa.gov.in**.

**M/s. Shree Ram Constructions**

## SHORT QUOTATION CALL NOTICE

**DISTRICT EDUCATION OFFICE, NABARANGPUR**

Sealed quotations are invited from potential supplied, tent house and electrical decorators, led Wall Supplier, Video Graphers, Video Conference event Manager/ Suppliers to take up different works for the District Level Inaugural Ceremoney of 5T School, Nabarangpur to be held on 6th May 2023. The different quotation call notice has been issued and all the tender papers are available at the website of www.nabarangpur.nic.in.

The last date of submitting quotation is 29.04.2023 by 1.00 P.M. For more details, please visit: **www.nabarangpur.nic.in.**

**Sd./- DEO, Nabarangpur**

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

**ନୟାପଲ୍ଲୀ ଶାଖା**
୩/୧୯, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଦେବାଶିଷ ମଲ୍ଲିକ / କୋ-ଆପ୍ଲିକାଣ୍ଟ: ସାଇ ସ୍ମିତା ନାୟକ,** ଉଭୟଙ୍କ **ଠିକଣା:** ପ୍ଲଟ୍ ନଂ.: ୧୬୨, ହାଉସ୍ ନଂ.: ୩, ଖଣ୍ଡେଲୱାଲ ରେସିଡ଼େନ୍ସି, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୧୯ | ଟ.୫୨,୫୬,୬୧୯.୮୭ + ସେବାବଦ ସୁଧ | ୩୦.୦୧.୨୦୨୩ / ୨୬.୦୪.୨୦୨୩ | ଦେବାଶିଷ ମଲ୍ଲିକ ଏବଂ ସାଇ ସ୍ମିତା ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୨, ହାଉସ୍ ନଂ.: ୩, ଖଣ୍ଡେଲୱାଲ ରେସିଡ଼େନ୍ସି, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୧୯ (ବିକ୍ରୟ ଦଲିଲ୍ ନଂ.: ୮୧୦୨, ତାରିଖ: ୧୮.୦୯.୨୦୦୭) |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୬.୦୪.୨୦୨୩

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/23-24/ E-Tender/13, ତା.19.04.2023ରିଖ

(1) ଟେଣ୍ଡର ସଂ. etender-HQ-KUR-33-2023, ତା.14.04.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସାକ୍ଷୀଗୋପାଳ ଷ୍ଟେସନରେ ପ୍ଲାଟଫର୍ମ ଉପରକୁ ଉଠାଇବା ସହିତ ପ୍ଲାଟଫର୍ମ ପୃଷ୍ଠଭାଗର ପ୍ରସ୍ତାବିତ ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 971.74 ଲକ୍ଷ, EMD: ₹ 6,35,900/-

(2) ଟେଣ୍ଡର ସଂ. etender-HQ-KUR-34-2023, ତା.14.04.2023ରିଖ

**ବିବରଣୀ :** ଅମୃତ ଭାରତ ଯୋଜନା ଅଧିନରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସାକ୍ଷୀଗୋପାଳ ଷ୍ଟେସନଠାରେ ପ୍ଲାଟଫର୍ମ ସେଲ୍ଟରର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 463.79 ଲକ୍ଷ, EMD: ₹ 3,81,900/-

ଶେଷ ହେବା ଅବଧି : 08 (ଆଠ) ମାସ (କ୍ରମ ସଂ. 1 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂ. 2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.05.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **https://www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-90/O/23-24

## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି (୧) ସିକେପି-ଜିଏସ୍‌ୟୁ-୨୩-୨୪-୦୧, ତାରିଖ ୨୪।୦୪।୨୦୨୩;** ରାଜଖରସୁଆଁ ଡବ୍ଲ୍ୟୁ/ଓ – ପାଣ୍ଡ୍ରାସାଲି ମଧ୍ୟରେ ଅପ୍ ବିଆର୍. ଲାଇନ୍ ଉପରେ ଆଇବିଏସ୍‌ଏସ୍‌ର ବ୍ୟବସ୍ଥା ସଂକ୍ରାନ୍ତରେ ଡବ୍ଲ୍ୟୁ/ଓ – ପାଣ୍ଡ୍ରାସାଲି ମଧ୍ୟରେ ଅପ୍ ବିଆର୍. ଲାଇନ୍ ଉପରେ ଗୁମ୍‌ଟି ନିର୍ମାଣ; ₹୩୪,୩୫,୬୩୩.୫୨; ₹୬୮,୭୦୦/-। **(୨) ସିକେପି-ସାଉଥ୍-୨୩-୨୪-୧୫, ତାରିଖ ୨୪।୦୪।୨୦୨୩;** ଚକ୍ରଧରପୁର ଡିଭିଜନରେ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୨୫ ଟନ୍ ଏକ୍ସିଲ୍ ଲୋଡ୍ ଟ୍ରେନ୍‌ର ଚଳାଚଳ ପାଇଁ ଏଡିଇଏନ୍/ଡାଙ୍ଗୁଆପୋଷିଙ୍କ ଅଧୀନରେ ବଲାଣିଖାଦାନ ସ୍ଥିତ ମେସର୍ସ ସେଲ୍‌ର ପ୍ରାଇଭେଟ୍ ସାଇଡିଂର ଟ୍ରାକ୍ ଷ୍ଟ୍ରକ୍ଚରର ଉନ୍ନତୀକରଣ; ₹୧,୫୭,୬୭,୬୦୩.୯୧; ₹୨,୨୮,୮୦୦/-। **(୩) ସିକେପି-ଇଷ୍ଟ-୨୩-୨୪-୨୦, ତାରିଖ ୨୪।୦୪।୨୦୨୩;** ସିନିୟର ଡିଇଏନ୍ (ପୂର୍ବ)/ଚନ୍ଦ୍ରଶେଖରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର, ସିନି, ଅଁଳାଯୋଡ଼ି କଂ. ଷ୍ଟେଶନଠାରେ ବିଭିନ୍ନ ଲୁପ୍ ଲାଇନ୍‌ରେ ୬.୫୪୮ କିମି ପାଇଁ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ) ଏବଂ ଗୋରୁମହିଷାଣି ଷ୍ଟେଶନଠାରେ ବିଭିନ୍ନ ଲୁପ୍ ଲାଇନ୍‌ରେ ୦.୪୬୫ କିମି ପାଇଁ ଥ୍ରୁ ରେଲ ନବୀକରଣ (ଏସ) (୫ମ ଆହ୍ୱାନ); ₹୧,୪୧,୪୫,୫୦୫.୧୨; ₹୨,୨୦,୭୦୦/-। **(୪) ସିକେପି-ୱେଷ୍ଟ-୨୩-୨୪-୧୧, ତାରିଖ ୨୫।୦୪।୨୦୨୩;** ରାଉରକେଲାଠାରେ ସିଆଇ ପାଇପ୍ ଲାଇନ୍‌ର ପ୍ରତିବଦଳ ନିମନ୍ତେ ବଳକା କାର୍ଯ୍ୟ (୩ୟ ଆହ୍ୱାନ); ₹୧,୧୯,୬୭,୭୬୨.୧୯; ₹୨,୦୯,୮୦୦/-। **ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଖୋଲାଯିବା ତାରିଖ: କ୍ର.ସଂ. ୧, ୩ ଓ ୪ ପାଇଁ ତା୨୪।୦୫।୨୦୨୩ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୨।୦୫।୨୦୨୩ରିଖ ।** ଟେଣ୍ଡର ୱେବସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-98)**

## TATA STEEL

କର୍ମଚାରୀ ପେନସନ ଯୋଜନା ୧୯୯୫ ଉପରେ ତା ୪.୧୧.୨୦୨୨ ରିଖ ଦିନର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ରାୟ

କର୍ମଚାରୀମାନଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନ କରିବା ପାଇଁ ଯୌଥ ବିକଳ୍ପକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଇପିଏଫ୍‌ଓ ପକ୍ଷରୁ ତା ୨୦ ଫେବୃଆରୀ ୨୦୨୩ ରିଖ ଦିନ କରାଯାଇଥିବା ସର୍କୁଲାର ନମ୍ବର. ପେନସନ /୨୦୨୨ /୫୬୨୫୯/୧୬୫୪୧ ଆଧାରରେ ଏହାର ୱେବସାଇଟରେ ଏକ ୟୁଆର୍‌ଏଲ୍ ସକ୍ରିୟ କରାଯାଇଛି। ପୂର୍ବତନ କର୍ମଚାରୀମାନଙ୍କୁ (ଯେଉଁମାନେ ତା ୧ ସେପ୍ଟେମ୍ବର ୨୦୧୪ ରିଖ ସୁଦ୍ଧା ୫୮ ବର୍ଷ ବୟସରେ ଅବସର ଗ୍ରହଣ କରିବା ପୂର୍ବକ ଏହି ପେନସନ ଯୋଜନାରୁ ବାଦ ପଡ଼ିଥିଲେ କିମ୍ବା ଅନ୍ୟ କୌଣସି କାରଣରୁ) ଏହି ଯୌଥ ବିକଳ୍ପ ଆବେଦନ ପତ୍ର ପୂରଣ କରିବାରେ ସହାୟତା ପ୍ରଦାନ ନିମନ୍ତେ ସେମାନଙ୍କୁ ଆଲୁମିନି ପୋର୍ଟାଲର **alumni.tatasteel.com** ଘୋଷଣାନାମା ବିଭାଗ ଦେଖିବାକୁ ଅନୁରୋଧ କରାଯାଉଅଛି, ଯେଉଁଠି ଏହି ସର୍କୁଲାର ଏବଂ ଆବଶ୍ୟକୀୟ ସୂଚନାକୁ ଡ଼ାଉନଲୋଡ଼ କରିବା ନିମନ୍ତେ ସବିଶେଷ ପଦ୍ଧତି ରହିଛି।

**Registered Office: Bombay House, 24, Homi Mody Street, Fort, Mumbai 400 001, India**
**Tel.: 022 66658282 Fax: 022 66657724**
**(CIN) –L27100MH1907PLC000260**
**Website: www.tatasteel.com**

**FORM NO. 14**
**[See Regulation 33(2)]**
**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack - 753014**

**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/12/2022** **06.04.2023**

**AXIS BANK**
**Versus**
**MRS SAREESHMA MANOJ AND OTHERS**

To
**(CD-1) Mrs Sareeshma Manoj And Others,** At: Flat No.: 2 D Aditya Palace Nayapalli Paika Nagar, Bhubaneswar-751008
Also At: Reliance Communication Ltd. C Block Fortune Tower, Chandrasekharpur, Bhubaneswar-751008
**(CD-2) Manampully Aiyur Achuthan,** Flat No.: 2 D Aditya Palace Nayapalli Paika Nagar, Bhubaneswar-751008
Also At: Reliance Communication Ltd. C Block Fortune Tower, Chandrasekharpur, Bhubaneswar-751008

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/287/2014** an amount of **Rs.56,81,097.00 (Rupees Fifty Six Lakhs Eighty One Thousands Ninety Seven Only)** along with pendentellite and future interest @ 10% w.e.f. 15/11/2019 till realization and costs of **Rs.59,000/- (Rupees Fifty Nine Thousands Only)** has become due against you (Jointly and severally/ Fully/ Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.

3. You are hereby ordered to declare on an affidavit the particulars of yours assets on or before the next date of hearing.

4. You are hereby ordered to appear before the undersigned on **28/06/2023 at 10.30 a.m.** for further proceedings.

5. In addition to the sum aforesaid, you will also be liable to pay:

(a) Such interests as is payable for the period commencing immediately after this notice of the certificate / execution proceedings.

(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date:
**06/04/2023**
**Sd/- Recovery Officer**
**DEBTS RECOVERY TRIBUNAL CUTTACK**

**ଜଙ୍ଗଲରେ ଅବକାରୀ ଚଢାଉ**

ଜୟପୁର, (ନି.ପ୍ର.): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ ଚଢାଉ କର ମଦ ଓ ପୋଚ ଜବତ କରିଛି। ଏନେଇ ପୂର୍ବରୁ ସୂଚନା ପାଇ ମଦ ବ୍ରବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ୧୩ ଶହ ଲିଟର ପୋଚ ଓ ଶହେ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା

ଜୟପୁର, ୨୬।୪ (ନି.ପ୍ର.): ଜୟପୁର ସହରରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ଜୟପୁର ନୁଆସାହିର ଅରୁଣ ଅନକା। ବୁଧବାର ସନ୍ଧ୍ୟା ସାଢେ ୭ଟାରେ ୫/୬ ଜଣ ଯୁବକ ମାସ୍କ ପିନ୍ଧି ଅଟୋରେ ଆସି ଅରୁଣଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁରୁଣା ବିବାଦକୁ ନେଇ ଏପରି ହତ୍ୟା ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି।

### ୨ଦିନ ୪ ଘଣ୍ଟା ବନ୍ଦ ରହିବ ବିଦ୍ୟୁତ ସରବରାହ

ଜୟପୁର, ୨୬।୪ (ନି.ପ୍ର.): ୨୭ ଓ ୨୮ ତାରିଖ ଦୁଇ ଦିନ ୪ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହିବ। ଜୟନଗର ଗ୍ରୀଡରେ ମରାମତି କାର୍ଯ୍ୟ ହେତୁ ଏହି ଦୁଇଦିନ ସକାଳ ୮ଟାରୁ ୧୨ ଯାଏ ବିଦ୍ୟୁତ ସରବରାହ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଛି। ଜୟପୁର ସହରର ମୁଖ୍ୟ ରାସ୍ତା, ନୁଆସାହି ଅଞ୍ଚଳ, ବାଇପାସ ରୋଡ, ପାର୍କ ଲାଇନ, ଜେଜେ ରୋଡ, ମହାରଣୀପେଟା, ପୁଲାରେଡି ପେଟା, ଚନ୍ଦନବାଡ ସାହି, ଦୋଳମଣ୍ଡପ ସାହି, ସୌରାସାହି, ରାଜୁ ସାହି, ମୁଖ୍ୟ ବଜାର ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ଜଣାପଡିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜୟପୁର, ୨୬।୪ (ନି.ପ୍ର.): ଜୟପୁର ପାରାବେଢା ଅଞ୍ଚଳର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଉଛନ୍ତି କୋଲାବନଗରର ଦୀପକ ବେହେରା (୨୮)। ପାରାବେଢା ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରା ଲିଃ ଠାରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଦୀପକ ଜିପିଏସ କମ୍ପାନୀରେ କାମ କରୁଥିଲେ। ତାଙ୍କ ସାଙ୍ଗ ଜଣେ ମଧ ଏହି ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ଦୀପକ ମଙ୍ଗଳବାର ପ୍ରବଳ ବର୍ଷା ହେବାରୁ ଘରକୁ ଯାଇନ ଥିଲେ। ଏଠାରେ ସାଙ୍ଗମାନଙ୍କ ସହ ରହି ଯାଇଥିଲେ। ଏ ବିଷୟରେ ସେ ପରିବାର ଲୋକଙ୍କୁ ଜଣାଇଥିବା ତାଙ୍କ ବାପା ନାରାୟଣ ବେହେରା କହିଛନ୍ତି। ଖବରପାଇ ଟାଉନ ଥାନା ପୋଲିସ ମୃତଦେହ ଜବତ କରିବ୍ୟବଚ୍ଛେଦ ଲାଗି ଜିଲା ଚିକିତ୍ସାଳୟକୁ ପଠାଇଛି। ପରିବାର ଲୋକେ ଦୀପକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସତ୍ୟତା ଜଣାପଡିବ ବୋଲି ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି।

### ୩ ହାଇସ୍କୁଲ ହେଲା ୫-ଟି ରୂପାନ୍ତର

ଜୟପୁର, ୨୬।୪ (ନି.ପ୍ର.): ଜୟପୁର ସହର ଦୁଇଟି ଓ ବ୍ଲକର ଗୋଟିଏ ହାଇସ୍କୁଲ ବୁଧବାର ୫-ଟିରେ ରୁପାନ୍ତରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସି ଦ୍ୱାରା ଏହାକୁ ଉଦଘାଟନ କରିଥିଲେ। ଜୟପୁର ସହରର ସି ଟି ହାଇସ୍କୁଲ, ପୌର ବାଳିକା ବିଦ୍ୟାଳୟ ଓ ମକାପୁଟ ହାଇସ୍କୁଲ ୫-ଟିରେ ସାମିଲ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋଟପାଡ ବ୍ଲକର ଚାନ୍ଦିଲିରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା।

# ବୁଡ଼ି ଅଞ୍ଚଳ ଲୋକ ସଙ୍ଗଠନର ଆମରଣ ଅନଶନ

- ମାଗଣା ବିଦ୍ୟୁତ୍, ବାଲି ସଇରାତ ପ୍ରଦାନ ଦାବି
- ତହସିଲଦାରଙ୍କ ସହ ଆଲୋଚନାରୁ ମିଳିଲାନି ସୁଫଳ
- ସଙ୍ଗଠନର ମାଗଣା ବିଦ୍ୟୁତ୍ ଦାବି ଯଥାର୍ଥ: ତହସିଲଦାର

ନନ୍ଦପୁର,୨୬।୪(ଡି.ଏନ୍.ଏ.)


ଆମରଣ ଅନଶନରେ ବସିଥିବା ବୁଡ଼ି ଅଞ୍ଚଳବାସୀ।

ଆମେ ବୁଡ଼ି ଅଞ୍ଚଳବାସୀ ବିଦ୍ୟୁତ୍ ଉତ୍ପାଦନ ପାଇଁ ଜମି ଦେଇ ଜଳ ଘେରିରେ ରହିଛୁ। କ୍ଷତିଗ୍ରସ୍ତ ହୋଇଛୁ। ଆମକୁ ମାଗଣା ବିଦ୍ୟୁତ୍ ମିଳୁ। ଆମ ଅଞ୍ଚଳର ବାଲି ସଇରାତ ବୁଡି ଅଞ୍ଚଳବାସୀଙ୍କର। ଆମକୁ ପାତାଳୀ ନଦୀର ଗାଲଗାଣ୍ଡା ଓ ଡୁରୁବା ବାଲି ସଇରାତ ଉତ୍ସ ପ୍ରଦାନ କରାଯାଉ ବୋଲି ଦାବିକରି ବୁଡ଼ି ଅଞ୍ଚଳ ଲୋକ ସଙ୍ଗଠନ ବୁଧବାର ଆମରଣ ଅନଶନ ଆରମ୍ଭ କରିଛି। ପାଡୁଆ ଥାନା ଅନ୍ତର୍ଗତ ପାତାଳୀ ନଦୀକଡ ବଡ଼ଦେବତା ମନ୍ଦିର ନିକଟରେ କର୍ମକର୍ତ୍ତାମାନେ ଆମରଣ ଅନଶନରେ ବସିଛନ୍ତି। ଏନେଇ ଖବରପାଇ ନନ୍ଦପୁର ତହସିଲଦାର ନରସିଂହ ଗାଦବା, ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ଅନଶନକାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ ମଧ କିଛି ସୁଫଳ ମିଳିନାହିଁ। ବୁଡି ଅଞ୍ଚଳ ସଙ୍ଗଠନ ସଭାପତି କମୁଲୁ ଖିଲ, ଉପସଭାପତି ଦାସ କୁଲମପେଦା, ତ୍ରିନାଥ ବଣ୍ଡା, ସମ୍ପାଦକ ନାରାୟଣ ବଡ଼ନାୟକ, ପଦ୍ମ ବାଟଘରିଆ, ଗୋପାଳ ମହାନ୍ତି, ବୁଦୁରାମ ମାଝି, ଆଦୁ ଖିଲ, ରାମେଶ୍ୱର ସେଠୀ, ମଙ୍ଗୁ ଖିଲ, ମଣିଦେଉ ଉମିର, ମଧୁ ମାଝି, ଦିବାକର ହିଆଲଙ୍କ ସହ ଅଧିକାରୀମାନେ ଆଲୋଚନା କରିଥିଲେ। ମାତ୍ର ଅନଶନକାରୀମାନେ ନିଜ ଜିଦରେ ଅଟଳ ରହିବାରୁ କିଛି ସମାଧାନ ହେଇପାରିନାହିଁ। ଅନଶନ ଜାରି ରହିଛି। ନନ୍ଦପୁର ତହସିଲଦାର ଗାଦବା କହିଛନ୍ତି, ସଙ୍ଗଠନର ମାଗଣା ବିଦ୍ୟୁତ୍ ଦାବି ଯଥାର୍ଥ। ତେବେ ଏହା ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି। ଉକ୍ତ ୨ ବାଲି ସଇରାତ ସମ୍ପର୍କରେ ସେ କହିଛନ୍ତି, ଏହି ବାଲି ସଇରାତ ୨୭।୩।୨୦୧୯ରୁ ୨୬।୩।୨୦୨୪ ପର୍ଯ୍ୟନ୍ତ ୫ବର୍ଷ ପାଇଁ ନିଲାମ କରାଯାଇଛି। ଏଥିଯୋଗୁ ୨୭।୩।୨୦୨୪ ପର୍ଯ୍ୟନ୍ତ ସଇରାତ ବାବଦରେ କିଛି ନିଷ୍ପତ୍ତି ନେଇ ହେବ ନାହିଁ। ପରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ତହସିଲଦାର କହିଛନ୍ତି। ସଙ୍ଗଠନ ପକ୍ଷରୁ ସଭାପତି କମୁଲୁ ଖିଲ କହିଥିଲେ, ତହସିଲଦାର ଆମକୁ ୨୦୨୩ରେ ଲିଜ୍‌ଧାରୀଙ୍କ ସମୟ ସରିବ ବୋଲି ପୂର୍ବରୁ କହିଥିଲେ। ଏବେ ଆମ ଅଜାଣତରେ କିପରି ବର୍ଷକ ପାଇଁ ପୁନଃ ଚୁକ୍ତିନାମା କରାଗଲା ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଅନଶନ ସ୍ଥଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବାକୁ ଏସ୍‌ଡିପିଓ ଏବଂ ପାଡୁଆ ପୋଲିସ ସଜାଗ ଥିବା ଜଣାପଡ଼ିଛି।

## ଚାକିରି ଦେବା ଆଳରେ ଠକେଇ, ଅଭିଯୁକ୍ତ ଗିରଫ

ମାଲକାନଗିରି/କାଲିମେଲା/ପଡ଼ିଆ, ୨୬।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅଞ୍ଚଳରେ ବିଦ୍ୟୁତ୍ ବିଭାଗରେ ଚାକିରି କରାଇଦେବା ଆଳରେ ଲୋକଙ୍କଠାରୁ ଟଙ୍କା ଠକେଇ କରିଥିବା ଜଣେ ବ୍ୟକ୍ତିଙ୍କୁ ମାଲକାନଗିରି ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସୁରେଶ ପଣ୍ଡା। ଏ ସମ୍ପର୍କରେ ଏସ୍‌ପି ନିତିଶ୍ ୱାଧ୍ୱାନି ସୂଚନା ଦେଇ କହିଛନ୍ତି, ଗତ ୧।୧୦।୨୦୨୨ରେ କାଲିମେଲା ଥାନା ତୁମ୍ବାଗୁଡା ଗ୍ରାମର ପୂର୍ଣ୍ଣେନ୍ଦୁ ବାରିକ ଅଭିଯୋଗ କରିଥିଲେ ଯେ, ଟିପିଏସ୍‌ଓଡିଏଲରେ ଠିକାଦାର ଭାବେ କାର୍ଯ୍ୟ କରୁଥିବା ସୁରେଶ ପୂର୍ଣ୍ଣେନ୍ଦୁଙ୍କ ସହ ମହେନ୍ଦ୍ର କବାସୀ, ଗଙ୍ଗାଧର ମାଡକାମି, ମୁନା ମାଡକାମି ଓ ଜଗନ୍ନାଥ ମାଡକାମିଙ୍କ ଠାରୁ ବିଦ୍ୟୁତ୍ ବିଭାଗରେ ଚାକିରି କରାଇଦେବାକୁ କହି ଜଣଙ୍କ ପିଛା ୪୦ ହଜାର ଲେଖାଏ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଯୋଗାଯୋଗ କରିବାରୁ ସେ ନୀରବ ରହିଥିଲେ। ଫଳରେ ପୂର୍ଣ୍ଣେନ୍ଦୁ ଥାନାରେ ଏନେଇ ଲିଖିତ ଅଭିଯୋଗ କରଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି କାଲିମେଲା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ଡି. ସୁନାନୀ ତଦନ୍ତ କରୁଥିଲେ। ସୁରେଶ ଭୁବନେଶ୍ୱର ଚାଲିଯାଇଥିବା ସୂଚନା ପାଇ ପୋଲିସ ତାଙ୍କୁ ଭୁବନେଶ୍ୱରର ରାଜମହଲ ଛକରୁ ଗିରଫ କରିଥିଲା। ପରେ ମାଲକାନଗିରି ଆଣି ପଚରା ଉଚୁରା କରିବା ପରେ ସବୁ କଥା ପଦାକୁ ଆସିଥିଲା ବୋଲି ଏସ୍‌ପି କହିଛନ୍ତି। ପଚରାଉଚରା ବେଳେ ସେ ଲୋକଙ୍କୁ ଚାକିରି କରାଇ ଦେବାକୁ କହି ଟଙ୍କା ଠକି ନେଇଥିବା ସ୍ୱୀକାର କରିଛନ୍ତି। ବିଭିନ୍ନ ବ୍ୟକ୍ତିଙ୍କଠାରୁ ସେ ୪ ଲକ୍ଷ ୨୮ ହଜାର ଟଙ୍କା ନେଇଥିବା କହିଛନ୍ତି। ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ବନାଗ୍ନି, ଶିକାର ରୋକିବାକୁ ପଥପ୍ରାନ୍ତ ନାଟକ


ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

ଚିତ୍ରକୋଣ୍ଡା,୨୬।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ଅଞ୍ଚଳର ବହୁ ସ୍ଥାନରେ ଘଡ଼ଘଡ଼ି, ବର୍ଷା ସହ ପବନ ଲାଗିରହିଥିବାରୁ ବନ ବିଭାଗକୁ ଆଶ୍ୱସ୍ତି ମିଳିଛି। ଏହା ସତ୍ତ୍ୱେ ବନ ବିଭାଗ ବନାଗ୍ନି ଓ ବନ୍ୟଜନ୍ତୁ ଶିକାର ରୋକିବାକୁ ଉଦ୍ୟମ ଜାରି ରଖିଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତାମୂଳକ କାର୍ଯ୍ୟ ଜାରି ରଖିଛି। ସ୍ୱାଭିମାନ ଅଞ୍ଚଳର କେତେକ ଗ୍ରାମରେ ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ବନାଗ୍ନି ରୋକିବା ଏବଂ ବନ୍ୟଜନ୍ତୁ ଶିକାର ରୋକିବା ଲାଗି ଜନସାଧାରଣଙ୍କୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି। ସ୍ୱାଭିମାନ ଅଞ୍ଚଳର ରାଲେଗଡା, ସାକୃବନ୍ଧା, ଟେକପଦର, ପାପରମେଟେଲା, ପାପୁଲୁର, କୁରୁମାନୁର, ଚିତ୍ରକୋଣ୍ଡା ଓ କପାତୁଟି ପଞ୍ଚାୟତର ଗ୍ରାମଗୁଡିକରେ ପଥପ୍ରାନ୍ତ ନାଟକ ସଚେତନତାର ମାଧ୍ୟମ ପାଲଟିଛି। ଆଗାମୀ ଦିନରେ ତାରାପେଟା, ପଣସପୁଟ, ଯନ୍ତ୍ରୀ ଓ ଟିଟାମାମୁଡି ଗ୍ରାମରେ ବନାଗ୍ନି ଓ ଶିକାର ରୋକିବାକୁ ପଥପ୍ରାନ୍ତ ନାଟକ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠୀ, ବନପାଳ ରମେଶ ଚନ୍ଦ୍ର ରାଉତ, ହରି ହନ୍ତାଳ ଓ ପ୍ରଦୀପ୍ତ ଗରଡ଼ା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ବନ ବିଭାଗ ବନାଗ୍ନି ଓ ବନ୍ୟଜନ୍ତୁ ଶିକାର ରୋକିବାକୁ ସଭା, ଶୋଭାଯାତ୍ରା, ଟୀରଚାଳନା ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଭଲିବଲ ଟୁର୍ଣ୍ଣାମେଣ୍ଟମାନ ଆୟୋଜନ କରିଛି।

## ଜୟପୁରରେ ୩ ଦିନିଆ କର୍ମଶାଳା

ଜୟପୁର,୨୬।୪ (ନି.ପ୍ର.)

ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଏକ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି। 'ଲିଙ୍ଗ ସମ୍ବେଦନଶୀଳତା ଓ ପାଠ୍ୟକ୍ରମ ସହ ସଂଯୋଗୀକରଣ' ଏହାର ଶୀର୍ଷକ ଥିଲା। ୪ଜଣ ସାଧନକର୍ମୀ ସୁଜିତ ନାୟକ, ଅମ୍ବିକା ସାହୁ, ସଦାଶିବ ନାୟକ ଓ ଜୟଦେବ ବେହେରା ଜୟପୁର ବ୍ଲକର ୯୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ରୂପଚନ୍ଦ୍ର ସୋରେନ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ଜୟପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ। କର୍ମଶାଳାକୁ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ ସଂଘ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ଆଚାର୍ଯ୍ୟାମାନେ।

ଦାମନଯୋଡ଼ି/ଜୟପୁର, ୨୬।୪(ଡି.ଏନ୍.ଏ./ନି.ପ୍ର.)

ଶିକ୍ଷା ବିକାଶ ସମିତି ବିଦ୍ୟାଭାରତୀ ପକ୍ଷରୁ ସଙ୍କୁଳ ସଂଯୋଜକ ଅଲେଖ ଚନ୍ଦ୍ର ଦୋରାଙ୍କ ଅଧକ୍ଷତାରେ ମାଥାଲପୁଟସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ମଙ୍ଗଳାବର ଉଦ୍‌ଘାଟିତ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ମହାବିଦ୍ୟାଳୟ ପ୍ରମୁଖ ସୁରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ସାଧାରଣ ସମ୍ପାଦକ ସନ୍ତୋଷ ସାମଲ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି କର୍ମଶାଳା ୩ଦିନ ଧରି ଚାଲିବ। ୨୮ ତାରିଖରେ କର୍ମଶାଳା ଉଦ୍‌ଯାପନ ହେବ। କର୍ମଶାଳାରେ ଦାମନଯୋଡ଼ି ସମେତ ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର, କାକିରିଗୁମ୍ମା, ଦଶମନ୍ତପୁର, ନନ୍ଦପୁର, ପାଡୁଆ, ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ ଆଦି ୧୨ଟି ବିଦ୍ୟାଳୟର ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଉଥିବା ଆଚାର୍ଯ୍ୟା,ଅଚାର୍ଯ୍ୟ ଓ ପ୍ରଧାନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଷୋୟୀ ସ୍ୱାଗତ ସୂଚନା ଦେଇଥିଲେ।

ସେହିପରି ଜୟପୁର ଅରବିନ୍ଦନଗର ସରସତୀ ଶିଶୁ ମନ୍ଦିରଠାରେ ସଙ୍କୁଳସ୍ତରୀୟ ୩ଦିନିଆ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର, ବୈପାରିଗୁଡ଼ା,ଲମତାପୁଟ, କୁନ୍ଦୁରା, ବୋରିଗୁମ୍ମା,କୋଟପାଡ଼ ବ୍ଲକର ବିଭିନ୍ନ ଶିଶୁମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରେମାନନ୍ଦ ନାୟକଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ଡ. ଗଙ୍ଗାଧର ନନ୍ଦ ଯୋଗ ଦେଇଥିଲେ। ଅମିତା ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

## ଜଙ୍ଗଲ ଜମି ସ୍ୱୀକୃତି ନ ଦେବା ଭୁଲ୍ ଥିଲା

**ଗୋଷ୍ଠୀ ଜଙ୍ଗଲ ଜମି ଅଧିକାର କର୍ମଶାଳାରେ ମତ**

ମାଲକାନଗିର,୨୬।୪(ଡି.ଏନ୍.ଏ.)


କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଆମ ଦେଶରେ ଶହ ଶହ ବର୍ଷ ଧରି ରାଜା ମହାରାଜାଙ୍କ ଶାସନ ଚାଲିଥିଲା। ୨୫୦ ବର୍ଷ ଧରି ଭାରତକୁ ବ୍ରିଟିଶ ସରକାର ଶାସନ କରିଥିଲେ। ସେହି ସମୟରେ ଜଙ୍ଗଲରେ ବସବାସ କରୁଥିବା ବନବାସୀ ଏବଂ ଆଦିବାସୀଙ୍କୁ ସେମାନଙ୍କ ଚାଷଜମି ଏବଂ ଗ୍ରାମଗୁଡିକର ସ୍ୱତ୍ୱ ଅଧିକାର କିମ୍ବା ନଥିପତ୍ରରେ ଏନେଇ ଚିହ୍ନଟ ନ କରିବା ବଡ଼ ଭୁଲ୍ ଥିଲା ବୋଲି ଗୋଷ୍ଠୀ ଜଙ୍ଗଲ ଜମି ଅଧିକାର କର୍ମଶାଳାରେ ମତ ପ୍ରକାଶ ପାଇଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାର ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଅନୁଭବକରି ୨୦୦୬ରେ ଜଙ୍ଗଲ ଜମି ସତ୍ତ୍ୱ ଅଧିକାର ଆଇନ ପ୍ରଣୟନ କଲେ। ତେବେ ମାଲକାନଗିରି ଜିଲାରେ ୪୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକମାନଙ୍କୁ ସେମାନଙ୍କର ଜମି ଚିହ୍ନଟ କରା ଯାଇ ସତ୍ତ୍ୱ ଅଧିକାର (ପଟ୍ଟା) ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୮ ହଜାରରୁ ଅଧିକ ଆବେଦନ ବିଚାରାଧୀନ ରହିଛି। ବୁଧବାର ମାଲକାନଗିରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଅନୁଷ୍ଠିତ କର୍ମଶାଳାରେ ସେତେବେଳେ ଜଙ୍ଗଲ ଜମି ସ୍ୱୀକୃତି ନ ଦେବା ଭୁଲ ଥିଲାବୋଲି ମତ ପ୍ରକାଶ ପାଇଛି।

ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ସହ ଯୋଗରେ ଜମି ଚିହ୍ନଟ କରିବା ଏବଂ ସେହି ଚିହ୍ନଟ ଜମି ଜଙ୍ଗଲ ମଧ୍ୟରେ ଥିବା ଗ୍ରାମର ଉନ୍ନତି ପାଇଁ ମଶାଣି, ଗୋଚର, ସ୍ୱାସ୍ଥ୍ୟ କେନ୍ଦ୍ର, ଖେଳ ପଡିଆ, ବିଦ୍ୟାଳୟ ଗୃହ, ଅଙ୍ଗନୱାଡି ଗୃହ, ଜଳସେଚନ ପାଇଁ ପୁଷ୍କରଣୀ, ପ୍ରଧାନମନ୍ତ୍ରୀ ଓ ଇନ୍ଦିରା ଆବାସ ଯୋଜନାରେ ସାମିଲ କରିବା ନେଇ କର୍ମଶାଳାରେ ମତ ପ୍ରକାଶ ପାଇଥିଲା। ବିଡିଓ ଅଜୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଭୁବନେଶ୍ୱରରୁ ଆସିଥିବା ପ୍ରଶିକ୍ଷକ ବିଜୟ ଟପ, ବ୍ଲକ ମଙ୍ଗଳ ଅଧିକାରୀ ମଧୁସ୍ମିତା ମାଝୀ, ପରୋବର୍ତ୍ତନ ସଂସ୍ଥା ସମ୍ପାଦକ ସନ୍ତୋଷ ଶୁକ୍ଳା, ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ର ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ। ମାଲକାନଗିରି ବ୍ଲକର ୧୯ଟି ପଞ୍ଚାୟତର ବିଭିନ୍ନ ରାଜସ୍ୱ ଓ ପଡା ଗ୍ରାମର ଜଙ୍ଗଲ ଅଧିକାର କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜୟପୁରରେ ଅର୍ଦ୍ଧନମିତ ହେଲା ଜାତୀୟ ପତାକା

ଜୟପୁର, ୨୬।୪(ନି.ପ୍ର.)



ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଥିବା ବିରାଟ ଜାତୀୟ ପତକା ଅର୍ଦ୍ଧନମିତ କରାଯାଇଛି। ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲଙ୍କ ପରଲୋକ ହୋଇଥିବାରୁ ସମ୍ମାନର୍ଥେ ଜାତୀୟ ପତାକାକୁ ବୁଧବାର ଅର୍ଦ୍ଧ ନିମିତ କରାଯାଇଛି। ଏଥିଯୋଗୁ କୌଣସି ସରକାରୀ ଉତ୍ସବ ପାଳନ ନ କରିବାକୁ ନିଷ୍ପତ୍ତି ହୋଇଛି ଫଳରେ ଜୟପୁରରେ ଲାଗିଥିବା ବିରାଟ ଜାତୀୟ ପତାକାକୁ ଅର୍ଦ୍ଧ ନିମିତ କରାଯାଇଛି। ୨୬ ଓ ୨୭ ତାରିଖ ୨ ଦିନ ଶୋକ ପାଳନ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଗ୍ରାମବାସୀ ତିଆରିକଲେ ରାସ୍ତା

ଖଇରପୁଟ,୨୬।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ପଞ୍ଚାୟତର ପୋଡ଼କୋଲନୀ ଗ୍ରାମର ଲୋକେ ନିଜ ଉଦ୍ୟମରେ ଗ୍ରାମ ରାସ୍ତା ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ଗୁଣ୍ଡୁରିଗୁଡ଼ା କଲୋନୀଠାରୁ ପୋଡ଼କୋଲନୀ ଗ୍ରାମକୁ ରାସ୍ତା ଥିଲା, ମାତ୍ର ଆଦର୍ଶ ବିଦ୍ୟାଳୟ ନିର୍ମାଣ ପରେ ସେହି ଗ୍ରାମକୁ ରାସ୍ତା ବନ୍ଦ ହୋଇଯାଇଥିଲା। ଫଳରେ ଗ୍ରାମବାସୀ ଯାତାୟାତ ଲାଗି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସମସ୍ତେ ଏକାଠି ହୋଇ ଆଦର୍ଶ ବିଦ୍ୟାଳୟ ପାର୍ଶ୍ୱରେ ଥିବା କେନାଲ ରାସ୍ତା ମରାମତି କରିବାକୁ ଯୋଜନାକରି ବିଫଳ ହୋଇଥିଲେ। ସମସ୍ତେ ଏକାଠି ହୋଇ ୫ଶହ ଲେଖାଏ ଟଙ୍କା ଚାନ୍ଦାକରି ରାସ୍ତା ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପିଇଓଙ୍କୁ ଜଣାଇବାରୁ ସେ କହିଲେ, ରାସ୍ତା କାର୍ଯ୍ୟ ପାଇଁ ଡିଆର୍‌ଡିଏକୁ ପ୍ରୋଜେକ୍ଟ ଯାଇଛି। ସେ କାର୍ଯ୍ୟର ଆପ୍ରୁଭାଲ କଲେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଏନେଇ ପ୍ରଶାସନଙ୍କଠାରୁ ଆରମ୍ଭକରି ଜନ ପ୍ରତିନିଧିଙ୍କୁ ଜଣାଇ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀ ଏକାଠି ହୋଇ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରିଥିଲେ।


ଗ୍ରାମବାସୀ ତିଆରି କରିଥିବା ରାସ୍ତା।

## ରାଜ୍ୟର ଆର୍ଥିକ ପ୍ରଗତିରେ ବ୍ୟବସାୟୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ଏମ୍‌ପି

ମାଲକାନଗିରି,୨୬।୪ (ଡି.ଏନ୍.ଏ.)


ବ୍ୟବସାୟୀଙ୍କ ଗହଣରେ ଏମ୍‌ପି ରମେଶ ଚନ୍ଦ୍ର ମାଝି।

ମାଲକାନଗିରି ଜିଲା ବ୍ୟବସାୟୀ ମହାସଂଘର ବୁଧବାର ଏକ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସୁରେଶ ସମାନି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ସମ୍ମାନିତ ଅତିଥି ରୂପେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଉପସଭାପତି ସୁରେନ୍ଦ୍ର ପାଢୀ, କାର୍ଯ୍ୟକାରୀ କମିଟି ସଦସ୍ୟ ରାମହରି ପଣ୍ଡା, ତପନ ସାନା, ଜୟପୁର ବ୍ୟବସାୟୀ ମହାସଂଘ ସଭାପତି ଭି. ପ୍ରଭାକର, ଉପଦେଷ୍ଟା ଗଣେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସଂଘ ସାଧାରଣ ସମ୍ପାଦକ ଈଶ୍ୱର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ୟବସାୟୀମାନେ ବ୍ୟବସାୟ କରି ଖାଉଟିଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ଆସୁଛନ୍ତି। ବ୍ୟବସାୟରେ ଜିଏସ୍‌ଟି ଓ ଆୟକର ଦେଇ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଛନ୍ତି। ରାଜ୍ୟରେ ଏହି ଅର୍ଥ ଲୋକଙ୍କ ପ୍ରଗତିରେ ବିନିଯୋଗ ହେଉଛି। ବ୍ୟବସାୟୀମାନେ ନିଷ୍ଠାପର ଭାବେ ବ୍ୟବସାୟକରି ଖାଉଟିଙ୍କ ପ୍ରତି ଦୃଷ୍ଟିଦେବାକୁ ଏମ୍‌ପି ରମେଶ ଚନ୍ଦ୍ର ମାଝି କହିଛନ୍ତି। ଏହି ଅବସରରେ ସେ ବ୍ୟବସାୟୀ ମହାସଂଘର ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସମ୍ମାନିତ ଅତିଥିମାନେ ମତବ୍ୟକ୍ତ କରି ଛୋଟ ଏବଂ ମଧ୍ୟମ ଧରଣର ବ୍ୟବସାୟୀମାନେ ସେମାନଙ୍କ ଜିଏସ୍‌ଟି ରିଟର୍ନ ଏବଂ ଡିଜିଟାଲ ଆକାଉଣ୍ଟ ଉପରେ ଅଭିଜ୍ଞତା ନ ଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସଂଘ ପକ୍ଷରୁ ସଦର ମହକୁମାରେ ଏକ ତାଲିମ କାର୍ଯ୍ୟକ୍ରମ କରିବାକୁ ବ୍ୟବସାୟୀମାନେ ଦାବି କରଥିଲେ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ବ୍ୟବସାୟୀମାନଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମାଲକାନଗିରି ସଦର ମହକୁମା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବୁଧବାର ବନ୍ଦ ରହିବା ଏବଂ କେବଳ ୨ଟି ହୋଟେଲ ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ଯେଉଁ ୨ଟି ହୋଟେଲ ଖୋଲାଯିବ ତାହା ଲଟେରି ମାଧ୍ୟମରେ ସ୍ଥିର ହେବ ବୋଲି ନିଷ୍ପତ୍ତି ହୋଇଥିଲା।

## ସଂକ୍ଷେପରେ

### ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ

କୋରାପୁଟ,୨୬।୪(ସ୍ୱ.ପ୍ର.): କୋରାପୁଟସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ୪ଦଫା ଦାବି ନେଇ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦେଶର ସମସ୍ତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ସମସ୍ତ ସୁବିଧା ପ୍ରଦାନ କରିବା, ଠିକା ପ୍ରଥା ବନ୍ଦ କରିବା, ଦେଶର ଆର୍ଥିକ ବିକାଶ ପାଇଁ ଜାତୀୟ ଶ୍ରମ ନୀତି ପ୍ରସ୍ତୁତ କରିବା, ସର୍ବନିମ୍ନ ମଜୁରି ବଦଳରେ ଜିବିକା ଆଧାରିତ ମଜୁରି ନିର୍ଦ୍ଧାରଣ କରିବା ଆଦି ଦାବି ନେଇ ସଂଘ ସଭାପତି ଏ. ଭୀମା ରାଓ ଓ ଜିଲା ସମ୍ପାଦକ ବିରଞ୍ଚି ନାରାୟଣ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ, ବୁଧବାର ଭାରତୀୟ ମଜଦୁର ସଂଘ ପକ୍ଷରୁ ଦେଶବ୍ୟାପୀ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଓଡିଶା ରାଜ୍ୟ ଆଶା କର୍ମୀ ସଭାପତି କମଳା ବେହେରା, ଅଙ୍ଗନୱାଡିକର୍ମୀ ସଭାପତି ସଂଯୁକ୍ତା ସାହୁ, ସୁଧାଂଶୁ ପାଢୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ବିଶ୍ୱ ମ୍ୟାଲେରିଆ ଦିବସ

ତେନ୍ତୁଲିଖୁଣ୍ଟି,୨୬।୪(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସମଲାଇ ପ୍ରସାଦ ପଣ୍ଡାଙ୍କ ପରିଚାଳନାରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ମ୍ୟାଲେରିଆମୁକ୍ତ ହେବାକୁ ବିଭିନ୍ନ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପିଏଚଇଓ ରଞ୍ଜିତା ସାମଲ, ବିପିଏମ ରଞ୍ଜନ ମିଶ୍ର , ଏ. ଅବିନାଶ ନଜିର ସଲ୍ଲା, ବିଏଏମ ପ୍ରଦୀପ ପାଲ, ସନ୍ତୋଷ ସିଂ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁପରଭାଇଜର ପ୍ରଦୀପ କୁମାର ଦାସ ଯୋଗ ଦେଇ ଥିଲେ। ମ୍ୟାଲେରିଆ, ଫାଇଲେରିଆ, ଡେଙ୍ଗୁ ଓ ଜାପାନ ଏନସେଫାଲିସସ ଆଦି ରୋଗ ସମ୍ପର୍କିତ ସଚେତନତା ପୁସ୍ତିକା ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଦାନ କରାଯାଇଥିଲା।

### କିରଣ ଖରା ମୋମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଜୟପୁର, ୨୬।୪ (ନି.ପ୍ର.): ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତର ପଲକାପୁଟ ଗ୍ରାମରେ କିରଣ ଖରା ମୋମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ ପଲକାପୁଟ ଓ ଦାମାପୁଟ ମଧରେ ହୋଇଥିଲା। ଏଥିରେ ପଲକାପୁଟ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ବିଜେଡିର ବରିଷ୍ଠ ନେତା ବାଲିଙ୍କି ରାଓ, ବୁଟି ଖରା ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ବିଜୟୀ ଓ ଉପ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ।

# ଡାକ୍ତରଙ୍କ ବଦଳିକୁ ନେଇ କଂଗ୍ରେସ-ନାଗରିକ ମଞ୍ଚ ମୁହାଁମୁହିଁ

**ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

■ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଉମରକୋଟ,୨୬।୪(ସ୍ୱ.ପ୍ର.)



ଧାରଣାରେ ବସିଥିବା ଉମରକୋଟ ନାଗରିକ ମଞ୍ଚର ସଭ୍ୟାମାନେ।



ନାଗରିକ ମଞ୍ଚର ଦାବିକୁ ସମର୍ଥନ ଜଣାଇ ଆଶାକର୍ମୀମାନେ ଧାରଣାରେ ବସିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ରାଉଳଙ୍କ ବଦଳି ନେଇ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। କଂଗ୍ରେସ ତାଙ୍କ ବଦଳି ଚାହୁଁଥିବା ବେଳେ ଏହାକୁ ନାଗରିକ ମଞ୍ଚ ଓ ଆଶାକର୍ମୀମାନେ ବିରୋଧ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଉ ଜଣେ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ଓ ଆନାସ୍ଥାସିଆ ଡାକ୍ତର ଯୋଗାଇ ଦେବାକୁ ଦାବି କରିଥିଲେ। ବୁଧବାର ନାଗରିକ ମଞ୍ଚ, ଆଶାକର୍ମୀ ଓ କଂଗ୍ରେସ କର୍ମକର୍ତ୍ତାମାନେ ଏହାକୁ ନେଇ ଧାରଣା ଦେବାରୁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଧାରଣାସ୍ଥଳରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଏଡିଏମଓ) ମଳୟ କୁମାର ତ୍ରିପାଠୀ ପହଞ୍ଚି ଦୀର୍ଘ ସମୟ ପୃଥକ ଭାବେ ସେମାନଙ୍କ ସହ ଆଲୋଚନା କରି ଲିଖିତ ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ, ଆଶାକର୍ମୀ ଓ ନାଗରିକ ମଞ୍ଚର ଧାରଣା ପ୍ରତ୍ୟାହୃତ ହୋଇଛି।

ଗତ ୧୫ ତାରିଖରେ ଜଣେ ଗର୍ଭବତୀ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତାଙ୍କର ରକ୍ତ ଅଭାବ ଥିବା ବେଳେ ଅସ୍ତ୍ରୋପଚାରର ଆବଶ୍ୟକତା ଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତଭଣ୍ଡାରରେ ରକ୍ତ ଗଚ୍ଛିତ ନ ଥିବାରୁ ସମ୍ପୃକ୍ତ ଗର୍ଭବତୀଙ୍କୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରାଉଳ ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିବାରୁ ପରିବାର ଲୋକେ ଡାକ୍ତର ରାଉଳ ଚିକିତ୍ସା ନ କରି ନବରଙ୍ଗପୁର ପଠାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ କଂଗ୍ରେସ ଡାକ୍ତର ରାଉଳଙ୍କୁ ୨୫ ତାରିଖ ସୁଦ୍ଧା ବଦଳି ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଥିଲା। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ଦଳ ଉମରକୋଟ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲା। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ଭଣ୍ଡାର ପ୍ରତିଷ୍ଠା, ଡିଜିଟାଲ ଏକ୍ସ-ରେ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ହସ୍ପିଟାଲ ମାନ୍ୟତା ଦାବି କରିଥିଲା। ସନରାଜ ଗଣ୍ଡ, ପିସିସି ସଭ୍ୟ ଖେମରାଜ ବାଘ, ବାବୁଲା ପଟ୍ଟନାୟକ, ଗୁଲୁ ସାହୁ, ମୁନା ପାଢୀ, ସୁରେନ୍ଦ୍ର ନାୟକ, ଉସମାନ ଲାଠିଆ, ଶଙ୍କର ଦେ ଓ ଅମୂଲ୍ୟ ପଟ୍ଟନାୟକ ପ୍ରମୁଖ ଧାରଣାରେ ବସିଥିଲେ।

ଅନ୍ୟପକ୍ଷରେ ଉମରକୋଟ ପୌର ଉପାଧକ୍ଷ ସୁଧାଂଶୁ ଦାସଙ୍କ ନେତୃତ୍ୱରେ ଉମରକୋଟ ନାଗରିକ ମଞ୍ଚ କମିଟିର ଶତାଧିକ ଯୁବକ ଓ ମହିଳା ଡାକ୍ତରଙ୍କୁ ବାଦଳି ନ କରିବା ଦାବିକରି ଧାରଣାରେ ବସିଥିଲେ। ଉପାଧକ୍ଷ ଦାସ କହିଛନ୍ତି, ଗତ ୧୦ ତାରିଖରେ କଂଗ୍ରେସ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଏକ ଶୋଭାଯାତ୍ରା କରିଥିଲା। କଂଗ୍ରେସର କେତେଜଣ ବ୍ୟକ୍ତି ସମ୍ପୃକ୍ତ ଡାକ୍ତରଙ୍କୁ ଅର୍ଥ ମାଗିଥିଲେ। ସେ ନଦେବାରୁ ତାଙ୍କୁ ଆକ୍ରୋଶମୂଳକ ଭାବରେ ଏବେ ବଦଳି ପାଇଁ ଦାବି କରୁଛନ୍ତି ବୋଲି କହିଥିଲେ। ଯେଉଁମାନେ ଡାକ୍ତରଙ୍କୁ ଟଙ୍କା ମାଗିଥିଲେ ସେମାନଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ମଞ୍ଚ ଦାବି କରଥିଲା। ୨ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଡାକ୍ତର ରାଉଳଙ୍କ ବଦଳି ନ କରିବା ଲାଗି ବ୍ଲକର ଆଶାକର୍ମୀ ମାନେ ଏକାଠି ହୋଇ ଧାରଣାରେ ବସିଥିଲେ। ଉମରକୋଟ ପରି ଉପାନ୍ତ ଅଞ୍ଚଳରେ ଜଣେ ମାତ୍ର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ରହିଥିବା ବେଳେ ସେ ୪ଟି ବ୍ଲକ ଦାୟିତ୍ୱ ବୁଝୁଛନ୍ତି। ଯଦି ତାଙ୍କ ବଦଳି ହୁଏ ତେବେ ଉମରକୋଟ ବ୍ଲକର ସମସ୍ତ ଆଶାକର୍ମୀ ଚାକିରି ଛାଡିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଡାକ୍ତରଙ୍କ ବଦଳି ହେଲେ ଅନେକ ସମସ୍ୟା ଦେଖାଦେବ। ଏହାକୁ ନେଇ ରାଜନୀତି ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଘଟଣାକୁ ନେଇ ଡାକ୍ତର ରାଉଳଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଷଡଯନ୍ତ୍ର କରାଯାଉଛି ବୋଲି କହିଛନ୍ତି। ଗତ ଏପ୍ରିଲ ୨୦୨୨ଠାରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ୩୬୪୯ ଅଲ୍ଟ୍ରାସାଉଣ୍ଡ ,୪୫୭ ରୋଗୀଙ୍କୁ ଇ-ସଞ୍ଜିବନୀ ଯୋଜନାରେ ଅନ୍‌ଲାଇନରେ ଚିକିତ୍ସା ସେବା ଯୋଗାଇଛି। ୨୦୨୨-୨୩ରେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୬୫୬ ରୋଗୀ ପ୍ରସୂତି ହୋଇଛନ୍ତି। ସେଥିରୁ ୫୯୭ ମା'ଙ୍କ ଅସ୍ତ୍ରୋପଚାର କରାଯାଇଛି। ୪ଟି ବ୍ଲକରେ ୨୩୦୭ ଜଣଙ୍କୁ ଫାମିଲି ପ୍ଲାନିଂ ଅସ୍ତ୍ରୋପଚାର କରିଛି। ଉମରକୋଟରୁ ପ୍ରାୟ ୩୦୦ ରୋଗୀଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି। ଏଥିରୁ ୨ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି ବୋଲି ଡାକ୍ତର ରାଉଳ କହିଥିଲେ। ଧାରଣାସ୍ଥଳରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଏଡିଏମଓ) ମଳୟ କୁମାର ତ୍ରିପାଠୀ ପହଞ୍ଚି ଦୀର୍ଘ ସମୟ ପୃଥକ ଭାବେ ସେମାନଙ୍କ ସହ ଆଲୋଚନା କରି ଲିଖିତ ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ, ଆଶାକର୍ମୀ ଓ ନାଗରିକ ମଞ୍ଚର ଧାରଣା ପ୍ରତ୍ୟାହୃତ ହୋଇଛି।

ଦୀର୍ଘ ସମୟ ଧାରଣା ପରେ ଏଡିଏମଓ ତ୍ରିପାଠୀ ପହଞ୍ଚି କଂଗ୍ରେସ ନେତା ମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ତୁରନ୍ତ ଡାକ୍ତରଙ୍କ ବଦଳି ଦାବି କରିଥିଲେ। ଆସନ୍ତା ୨ ତାରିଖ ସୁଦ୍ଧା ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲାଚନା କରି ନିଷ୍ପତ୍ତି ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ କଂଗେସ ଧାରଣାରୁ ଓହରିଥିଲା। ପରେ ଏଡିଏମଓ ଧାରଣାରତ ଆଶାକର୍ମୀମାନଙ୍କ ପାଖରେ ପହଞ୍ଚି ଲିଖିତ ଦାବି ଦିଅନ୍ତୁ ବୋଲି କହିଥିଲେ। ସେହିପରି ଉମରକୋଟ ନାଗରିକ ମଞ୍ଚ ଡକ୍ଟର ରାଉଳଙ୍କୁ ବଦଳି ନକରିବା ପାଇଁ ଦେଇଥିବା ଦାବୀପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରି ଆସନ୍ତା ୭ ଦିନ ମଧ୍ୟରେ ବିହିତ ପଦକ୍ଷେପ ନିଆଯିବ ବୋଲି ଏଡିଏମଓ ଲିଖିତ ପ୍ରତିଶ୍ରୁତି ଦେବା ପରେ ନାଗରିକ ମଞ୍ଚ ଧାରଣାରୁ ଓହରିଛି। ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ଗୋବିନ୍ଦଚନ୍ଦ୍ର ବୁରୁଦା ଉମରକୋଟ ଅତିରିକ୍ତ ତହସିଲଦାର ଉମେଶ ପୁଜାରୀ ଓ ଫୋର୍ସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳିକାଙ୍କ ମୃତ୍ୟୁ

### କ୍ଷତିପୂରଣ ପ୍ରତିଶ୍ରୁତି ମିଳିଲା

ଗୁଣପୁର,୨୬।୪(ଡି.ଏନ.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ଗଠଳପଦର ପଞ୍ଚାୟତ କୁକୁରଗୁଡା ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳକିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରିୟାଞ୍ଜଳି ନିମାଲ। ବୁଧବାର ସକାଳେ ପ୍ରିୟାଞ୍ଜଳି ଗାଧୋଇ ସାରି ଡ୍ରେସ ଶୁଖାଇବା ପାଇଁ ନଳକୂଅଠାରେ ଥିବା ପିଜୁଳି ଗଛ ନିକଟକୁ ଯାଇଥିଲେ। ଉକ୍ତ ପିଜୁଳି ଗଛ ଦେଇ ବିଦ୍ୟୁତ ତାର ଯାଇଥିବାରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜଗନ୍ନାଥପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ ପ୍ରିୟାଞ୍ଜଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ପୂର୍ବରୁ ବହୁବାର ଗାଁ ଲୋକେ ଅଦରକାରୀ ଭାବେ ଯାଇଥିବା ତାରକୁ ବଦଳାଇବା ପାଇଁ କହିଥିଲେ ମଧ ବିଦ୍ୟୁତ ବିଭାଗ ଶୁଣି ନଥିଲା। ଯାହାଫଳରେ ଜଣଙ୍କ ଜୀବନ ଗଲା। ଉତ୍ତ୍ୟକ୍ତ ଲୋକେ ନାବାଳିକାଙ୍କ ପରିବାରକୁ କ୍ଷତି ପୂରଣ ଦାବିରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ପାଟିତୁଣ୍ଡ କରି ଥିଲେ । ପୋଲିସ ଓ ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି ବୁଝାଶୁଝା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ସ୍ଥିତି ସ୍ୱାଭାବିକ୍ ହୋଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ନବରଙ୍ଗପୁର,୨୬।୪(ବି.ପ୍ର.)




ଭାରତୀୟ ମଜଦୁର ସଂଘ ଅଧୀନରେ ଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଭାରତୀୟ ମଜଦୁର ସଂଘ ଅଧୀନରେ ଥିବା ଅଙ୍ଗନୱାଡି, ଆଶାକର୍ମୀ, ନିର୍ମାଣ ଶ୍ରମିକ, ସ୍ୱାବଲମ୍ବୀ କାରିଗର ସଂଘଗୁଡିକୁ ନେଇ ମାଝିଗୁଡା ଛକଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ନିର୍ମଳ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଦେଶର ସମସ୍ତ ଶ୍ରମିକବର୍ଗଙ୍କୁ ସମସ୍ତ ସୁବିଧା ଉପଲବ୍ଧ କରିବା, ଠିକା ଶ୍ରମ (ପ୍ରତିରୋଧ ଏବଂ ନିୟମିତ କରଣ) ଅଧିନିୟମର ୧୯୭୦ର ଆବଶ୍ୟକ ସଂଶୋଧନ କରିବା, ଜାତୀୟ ଶ୍ରମ ନୀତି ପ୍ରସ୍ତୁତ କରିବା, ସର୍ବନିମ୍ନ ମଜୁରୀ ବଦଳରେ ଜୀବିକା ଅଧାରିତ ମଜୁରୀ ନିର୍ଦ୍ଧାରଣ କରିବା, ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ ଓ ଆଶାକର୍ମୀ ମାନଙ୍କୁ ସ୍ଥାୟୀ କର୍ମଚାରୀ ଘୋଷଣା କରି ସେମାନଙ୍କୁ ସର୍ବନିମ୍ନ ୧୮୦୦୦ଟଙ୍କା ମାସିକ ବେତନ, ସାମାଜିକ ସୁରକ୍ଷା ଅନ୍ତର୍ଗତ ଗ୍ରାଚ୍ୟୁଇଟି, ଇପିଏଫ ଓ ଇଏସଆଇସି ଲାଗୁ କରିବା, ଅବସର ଗ୍ରହଣ କରୁଥିବା ଆଶାକର୍ମୀ ମାନଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଓ ମାସିକ ୫୦୦୦ ଟଙ୍କା ପେନସନ ଦେବାକୁ ଦାବି କରାଯାଇଛି। ଏଥିସହ ଯୋଗ୍ୟ ଆଶାକର୍ମୀଙ୍କୁ ଏଏନଏମ ପଦବୀକୁ ପଦୋନ୍ନତି କରିବା, କୋଭିଡରେ ମୃତ୍ୟୁ ଘଟିଥିବା ୧୯ ଜଣ ଆଶାକର୍ମୀଙ୍କୁ ସରକାର ଘୋଷଣା କରିଥିବା ୫୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଓ ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା, ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ମିନି ଅଙ୍ଗନୱାଡି ଉଚ୍ଛେଦ କରି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ ଆଦି ବିଭିନ୍ନ ଦାବି ଉଲ୍ଲେଖ ରହିଛି। ଭାରତୀୟ ମଜଦୁର ସଂଘ ଜିଲା ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ସଭାପତି ବାଙ୍କବିହାରୀ ବିଷୋୟୀ, ଅଙ୍ଗନୱାଡି ସଂଘ ଜିଲା ସଭାନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ, ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧ୍ୟକ୍ଷା ମମତା ବ୍ରହ୍ମା, ରାଜ୍ୟସଦସ୍ୟା ସବିତା ନାୟକ, ଆଶାକର୍ମୀ ସଂଘ ଜିଲା ସଭାନେତ୍ରୀ ଗୀତାଞ୍ଜଳି ହରିଜନ, ସମ୍ପାଦିକା ଝୁନୁ ପଣ୍ଡା, ଉପସଭାନେତ୍ରୀ ଧର୍ମିଳା ଗଣ୍ଡା, ପାର୍ବତୀ ବାଘ, ସଞ୍ଜୁ ନାୟକ, କୋଠାବାଡି ସଂଘ ସମ୍ପାଦକ ରାମ ବିଷୋୟୀ, ଭୁବନ ପୁଜାରୀ, ଘାସିରାମ ଗଣ୍ଡ, ପର୍ଶୁ ଡିଶାରୀ, ସାବଲମ୍ବି କାରିଗର ସଂଘ ଗୋବିନ୍ଦ ମିଗାନ, ମୋତିରାମ ଦାସ ଓ କୃଷି ଗ୍ରାମୀଣ ମଜଦୁର ସଂଘର ଉପସଭାପତି ଖଗେଶ୍ୱର ବିଷୋୟୀ ପ୍ରମୁଖ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ରାୟଗଡା ଅଫିସ,୨୬।୪



ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୧ତମ ଜୟନ୍ତୀ ରାୟଗଡାଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଆନୁକୁଲ୍ୟରେ ପାଳନ କରାଯାଇଛି। ରାୟଗଡା ସହରର ଗଜପତି ଜଙ୍କଶନଠାରେ ଗଜପତିଙ୍କ ପ୍ରତିମୂର୍ତ୍ତିରେ ଆଦିବାସୀ କଲ୍ୟାଣ ଓ ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ରାୟଗଡା ପୌର ପରିଷଦ ଅଧକ୍ଷ ମହେଶ ପଟ୍ଟନାୟକ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜାଙ୍କ ଭୂମିକା ଅତୁଳନୀୟ ଥିଲା ବୋଲି କହିଥିଲେ । ସେହିପରି ବିଧାୟକ ମୁଦୁଲି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଦୁଇ ଥର ବ୍ରିଟିଶ ପାର୍ଲାମେଣ୍ଟ ଯାଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ ବୋଲି କହିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ କଳା ଓ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଅମୂଲ୍ୟ ରତ୍ନ ସାହୁ , ସାଧାରଣ ସମ୍ପାଦକ ଇଂ. ଦିଲୀପ ମିଶ୍ର, ଉପସଭାପତି ମନୋଜ କୁମାର ରଥ, କୋଷାଧ୍ୟକ୍ଷ ତ୍ରିପତି ପଣ୍ଡା, ଉପଦେଷ୍ଟା ମାଧବ ଚନ୍ଦ୍ର ପାଣିଗ୍ରାହୀ, କିଶୋର ଚନ୍ଦ୍ର ରଥ, ବିଶ୍ୱନାଥ ପଣ୍ଡା, ବାଳକଷ୍ଣ ଚୌଧୁରୀ, ମଙ୍ଗଳମୂର୍ତ୍ତୀ ବେଉରା, ନିରଞ୍ଜନ ରାଜୁ, ଗୌରାଙ୍ଗ ବେବର୍ତ୍ତା, ଦ୍ୱାରିକା ନାୟକ, ସତ୍ୟବାଦୀ ପତି, ବରିଷ୍ଠ କଂଗ୍ରେସ ନେତା ଇଂ.ସୁନିଲ କୁମାର ପଣ୍ଡା , ଅବସରପ୍ରାପ୍ତ ପ୍ରାଧ୍ୟପକ ଡ. ଦୁଷ୍ମନ୍ତ ମହାନ୍ତି , ପ୍ରମୋଦ ପରିଛା, ଉଦୟ ଚନ୍ଦ୍ର ପଣ୍ଡା, ଯୋଗେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ପଲ୍ଲିସଭାରେ ସ୍ୱୀକୃତ ପ୍ରକଳ୍ପ ଅନୁମୋଦନ କରାଯାଉନି

**ସରପଞ୍ଚଙ୍କ ଦାବିପତ୍ର ପ୍ରଦାନ**

ଡାବୁଗାଁ,୨୬।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ପଞ୍ଚାୟତରେ ହେଉଥିବା ପଲ୍ଲିସଭାଗୁଡିକରେ ସ୍ୱୀକୃତି ପାଉଥିବା ପ୍ରକଳ୍ପକୁ ବ୍ଲକ ପ୍ରଶାସନ ଅନୁମୋଦନ କରୁନାହିଁ। ଏ ନେଇ ସରପଞ୍ଚ ବିନୋଦ ସୌରା ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଡାବୁଗାଁ ପଞ୍ଚାୟତରେ ନୂତନ ସରପଞ୍ଚ ଭାବେ ବିନୋଦ ସୌରା ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ୪/୫ ଥର ପଲ୍ଲିସଭା ଓ ଗ୍ରାମସଭା ହୋଇଥିଲା। ଉକ୍ତ ସଭାଗୁଡିକରେ ସ୍ୱୀକୃତ ଏମଜିଏନଆରଇଜିଏସ ଯୋଜନାରେ ବିଭିନ୍ନ ପ୍ରକଳ୍ପ ଯଥା ଜମି ମରାମତି, ଗାଈଗୁହାଳ, ନୂତନ ପୋଖରୀ ଖନନ, ରାସ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟସବୁ ବର୍ଷକ ପରେ ବି କରାଯାଇନାହିଁ । ପୁନର୍ବାର ପଲ୍ଲିସଭା ପାଇଁ ଗ୍ରାମକୁ ଗଲେ ଲୋକେ ପୂର୍ବରୁ ପଲ୍ଲୀସଭାରେ ସ୍ୱିକୃତୀ ପାଇଥିବା କାମ ଗୁଡିକ ହେଉ ନାହିଁ ପୁଣି କାହିଁକି ପଲ୍ଲିସଭା ପାଇଁ ଆସିଛ ବୋଲି କହୁଛନ୍ତି। ପ୍ରଥମେ ସେ ସବୁ କାର୍ଯ୍ୟ କରାଯାଉ ତା ପରେ ପଲ୍ଲିସଭା ହେଉ ବୋଲି ବିଭିନ୍ନ ଗ୍ରାମବାସୀ ସରପଞ୍ଚଙ୍କୁ କହୁଛନ୍ତି। କିନ୍ତୁ ନୂତନ ପଲ୍ଲିସଭା ଓ ଗ୍ରାମସଭାରେ ପାସ କରି ଦିଆଯାଉଥିବା କାମଗୁଡିକ ଅନୁମୋଦନ କରି ମନଇଚ୍ଛା କାମ ଲେଖି କେତେଜଣ ଠିକାଦାର ମିଶି ପଞ୍ଚାୟତକୁ ନ ଜଣାଇ ବ୍ଲକରେ କାମଗୁଡିକ କରୁଛନ୍ତି। ଯଦି ଏମଜିଏନଆରଇଜିଏସ କାମରେ ପଞ୍ଚାୟତର କୌଣସି ଭୂମିକା ନାହିଁ ତେବେ ପଲ୍ଲିସଭା ଓ ଗ୍ରାମସଭା ବନ୍ଦ କରାଯାଉ ବୋଲି ସରପଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ଗ୍ରାମ ରୋଜଗାର ସେବିକାଙ୍କୁ ପଚାରିଲେ ସେ କିଛି ଜାଣିନ ଥିବା କହୁଛନ୍ତି। ବ୍ଲକରେ କାମ ବିଷୟରେ ପଚାରିଲେ ସେମାନେ ଜିଲାପରିଷଦକୁ ପଠାଇଲେ କାମ ଗୁଡିକ ଅନୁମୋଦନ ହେଉନାହିଁ ବୋଲି କହୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି'। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚଙ୍କ ସମେତ ସତ୍ୟରଞ୍ଜନ ପାତ୍ର, ବିଶ୍ୱରଞ୍ଜନ ପାତ୍ର, ସୁନୀଲ କୁମାର ସିଂ, ରଘୁ କଲାର, ଧନସିଂ ଭତରା, ଭାସ୍କର ମାଝି, ଅସମନ ଗୌଡ, ଗୋପୀନାଥ ଭତରା, ମାଧବ ଭତରାଙ୍କ ସମେତ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକେ ଉପସ୍ଥିତ ଥିଲେ।



## ମାନିକପୁରୀ ପନକା ସମାଜର ବ୍ଲକସ୍ତରୀୟ କମିଟି ଗଠନ

ଝରିଗାଁ,୨୬।୪(ସ୍ୱ.ପ୍ର.)

ଝରିଗାଁ ବ୍ଲକ ଅନ୍ତର୍ଗତ କୁସୁମୀ କବୀର କୁଟୀର ଠାରେ ମାନିକପୁରୀ ପନକା ସମାଜର ଜିଲାସ୍ତରୀୟ ସାମାଜିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୪୦ ଜଣ ମହିଳାଙ୍କୁ ନେଇ ଗଠିତ ବ୍ଲକ କମିଟି ସଭାନେତ୍ରୀ ଭାବେ ଲାବନ୍ୟବତୀ ପନକାଙ୍କୁ ମନୋନୀତ କରଯାଇଥିଲା। ସେହିପରି ସମ୍ପାଦକ ଭବେ ସରିତା ନାୟକ, ଉପସଭାନେତ୍ରୀ ଭାବେ ବୃନ୍ଦି ପନକା, ସହ ସମ୍ପାଦିକା ଭାବେ ରାମବାଇ ପନକାଙ୍କୁ ମନୋନୀତ କରଯାଇଥିଲା।ବ୍ଲକ ସଙ୍ଗଠନ କମିଟିରେ ସଭାପତି ଲକ୍ଷ୍ମୀଧର ପନକା, ଉପସଭାପତି ପଦ୍ମନାଭ ପନକା, ସମ୍ପାଦକ ମନୋହର ପନକା, ସହ ସମ୍ପାଦକ କୃଷ୍ଣଦାସ ପନକା, କୋଷାଧକ୍ଷ ତୁଳସୀଦାସ ପନକା, ସାଙ୍ଗଠନିକ ସମ୍ପାଦକ ପିଲାବାବୁ ପନକା, ବଂଶୀଧର ପନକା, ନଅଲୁ ପନକା, ସାମାଜିକ ଗଣମାଧମ ସଂଯୋଜକ ପିତମ ପନକା, ଜିଲା ସଂଯୋଜକ ଭବେ ପିତାମ୍ବର ପନକାଙ୍କୁ ଚ୍ରନ କରଯାଇଥିଲା। ସମୀକ୍ଷକ ଭାବେ ଲଛମନ ପନକା, ନିଳାମ୍ବର ପନକା, ଉପଦେଷ୍ଟା ମାନସାୟ ପନକା, ଶଙ୍କର ଦାସ ପନକା, ନାରାୟଣ ପନକା, ମହନ୍ତ ରାମଚନ୍ଦ୍ର ନାୟକ, ମହନ୍ତ ବେଣୁଦାସ ପନକା, ମହନ୍ତ ଖଗଦାସ ପନକାଙ୍କ ରହିଛନ୍ତି। ଝରିଗାଁ ,ଉମରକୋଟ, ରାଇଘର, ଡାବୁଗାଁ, କୋଷାଗୁମୁଡ଼ା ଏବଂ ପାପଡ଼ାହାଣ୍ଡିବ୍ଲକକର୍ମକର୍ତ୍ତାଉପସ୍ଥିତଥିଲେ।

# ତଳଗୁରୁଠି ଗାଁକୁ ପକ୍କା ରାସ୍ତା ନାହିଁ

**ବିଧାୟକଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ**

ରାୟଗଡା ଅଫିସ,୨୬।୪



ବିପର୍ଯ୍ୟସ୍ତ ରାସ୍ତା।

ରାୟଗଡା ସହରଠାରୁ ୮ କି.ମି. ଦୂର ସଦର ବ୍ଲକ ଅନ୍ତର୍ଗତ ହାଲୁଆ ପଞ୍ଚାୟତର ତଳଗୁରୁଠି ଗ୍ରାମକୁ ପକ୍କା ରାସ୍ତା ନାହିଁ। ସାମାନ୍ୟ ବର୍ଷା ହେଲେ ଗ୍ରାମକୁ ସଂଯୋଗ କରିଥିବା ରାସ୍ତା କାଦୁଅ ପଚପଚ ହୋଇଯାଉଛି। ଫଳରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲ ଢିପରେ ଭର୍ତ୍ତି ମାଟି ରାସ୍ତା ସମସ୍ୟା ନେଇ ରାୟଗଡା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସରପଞ୍ଚ ମଧ ଏ ନେଇ ଲିଖିତ ଭାବେ ଜଣାଇଛନ୍ତି। ତଥାପି ପ୍ରଶାସନିକ କ୍ଷେତ୍ରରେ ଗମନାଗମନ ଅସୁବିଧାକୁ ଦୂରେଇବା ଲାଗି କେହି କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ବୁଧବାର ତଳଗୁରୁଠିର କେତେଜଣ ଗ୍ରାମବାସୀ ସରପଞ୍ଚ ତାମାରାଓ ବିଡିକାଙ୍କ ସହ ଯାଇ ରାୟଗଡା ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଭେଟିଛନ୍ତି। ହାଲୁଆଠାରୁ କଲିଙ୍ଗି ଗ୍ରାମ ପର୍ଯ୍ୟନ୍ତ ୮କି.ମି.ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟକ ମୁଦୁଲି ଯଥାଶୀଘ୍ର ରାସ୍ତା ନିର୍ମାଣ ପାଇଁ ପ୍ରତଶ୍ରୁତି ଦେଇଛନ୍ତି। ଏଥିସହ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ନିକଟକୁ ଗାଁକୁ ରାସ୍ତା ନିର୍ମାଣ ପାଇଁ ଚିଠି ଲେଖିଛନ୍ତି ।

ସୂଚନାଯୋଗ୍ୟ, ତଳଗୁରୁଠି ଗ୍ରାମରେ ୭୫ ପରିବାର ବସବାସ କରୁଛନ୍ତି । ଗ୍ରାମବାସୀଙ୍କୁ ୩ କି.ମି. ଦୂରରେ ଥିବା ସଦର ପଞ୍ଚାୟତକୁ ଯିବା ପାଇଁ ତଥା ଜିଲା ସଦର ମହକୁମାକୁ ଯିବା ପାଇଁ ଖାଲଖମା ଭର୍ତ୍ତି ଅଧା ମାଟି, ଅଧା ମୋରମ ପକାଯାଇଥିବା ରାସ୍ତାରେ ନିର୍ଭର କରିବାକୁ ପଡୁଛି। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାଟି କାଦୁଅ ହୋଇଯାଉଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପିଲାମାନେ ମଧ ସ୍କୁଲକୁ ଯିବା ଆସିବା ପାଇଁ ହୀନସ୍ଥା ଭୋଗୁଛନ୍ତି। ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ଯିବାକୁ ହେଉ କି ରୋଗୀଙ୍କୁ ମେଡିକାଲ ନେବା ବେଳେ ସମସ୍ୟା ଭୋଗିବାକୁ ପଡୁଛି। ଗାଁକୁ ପକ୍କା ରାସ୍ତାଟିଏ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦାବିପତ୍ର ପ୍ରଦାନ କରିଛନ୍ତି ।

